## ଶୋ'ରୁମ୍ ଗୋଦାମରୁ ଚୋରି

**ଅନୁଗୋଳ ଅଫିସ:** ଅନୁଗୋଳ ସଦର ଥାନା ଅଧୀନରେ ଥିବା ଶୁଭଲକ୍ଷ୍ମୀ ମୋଟର୍ସ ଶୋ'ରୁମ୍ ଗୋଦାମରୁ ୪ଟି ନୂଆ ମୋଟର ସାଇକେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୋ'ରୁମ୍ ମ୍ୟାନେଜର ନଇମ୍ ମହମ୍ମଦ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଷ୍ଟକ୍ ଯାଞ୍ଚ ସମୟରେ ଗାଡି ଚୋରି ସମ୍ପର୍କରେ ଜଣାପଡିଛି।

## ସଂକ୍ଷେପରେ

### ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ

ଅନୁଗୋଳ ଅଫିସ,୫।୧୧- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚୂଡ଼ାନ୍ତ ଆସନ ସଂରକ୍ଷଣ ତାଲିକା ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ତାଲିକାରେ ଜିଲା ପରିଷଦ ସଭାପତି ପଦବୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ପଛୁଆ ବର୍ଗର ମହିଳାଙ୍କ ନିମନ୍ତେ ଅନୁଗୋଳ ଜିଲା ପରିଷଦ ସଭାପତି ପଦ ସଂରକ୍ଷିତ ରଖାଯାଇଛି। ତେବେ ଜିଲାର ୮ଟି ବ୍ଲକରେ ଥିବା ୨୮ଟି ଜିଲା ପରିଷଦ ଜୋନ୍ ସଂରକ୍ଷଣରେ ଅଦଳବଦଳ କରାଯାଇଛି। କଣିହାଁ ବ୍ଲକ ଓ ପାଲଲହଡା ବ୍ଲକରେ ଥିବା ଜିଲା ପରିଷଦ ଜୋନ ଆସନ ସଂରକ୍ଷଣରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ତେବେ ଅନୁଗୋଳ ବ୍ଲକର ୪ଟି ଜୋନରେ ସଂରକ୍ଷଣ ପରିବର୍ତ୍ତନ କରାଯାଇଛି। ଆଠମଲ୍ଲିକ ବ୍ଲକର ୩ଟି ଜୋନରେ ସଂରକ୍ଷଣ ସ୍ଥାନ ବଦଳିଥିବାବେଳେ ଛେଣ୍ଡିପଦା ବ୍ଲକର ୪ଟି ଜୋନରେ ସଂରକ୍ଷଣ ପରିବର୍ତ୍ତନ କରାଯାଇଛି। ଏଥିସହ କିଶୋରନଗର ବ୍ଲକରେ ଦୁଇଟି ଜୋନ୍ ଓ ବଅଁରପାଳର ଗୋଟିଏ ଜୋନରେ ସଂରକ୍ଷଣରେ ପରିବର୍ତ୍ତନ କରାଯାଇଛି।

### ଛୁରାମାଡ଼ରେ ୨ ଗୁରୁତର

ଅନୁଗୋଳ ଅଫିସ,୫।୧୧- ଅନୁଗୋଳ ସଦର ଥାନା କୁମ୍ଭଣ୍ଡ ଚଣ୍ଡୀବଜାର ନିକଟରେ ଗୁରୁବାର ରାତି ପ୍ରାୟ ୯ଟା ବେଳେ ଦୁର୍ବୃତ୍ତଙ୍କ ଛୁରା ମାଡରେ ୨ ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ହେମସୁରପଡାର ୫ ଜଣ ଯୁବକ ଚଣ୍ଡୀବଜାର ଠାରେ ଥିବା ଏକ ଢାବାକୁ ଖାଇବାକୁ ଯାଇଥିଲେ। ପରେ ଛକ ନିକଟରେ ଛିଡା ହୋଇଥିବାବେଳେ ସେଠାରେ ଥିବା ୨ଜଣ ଯୁବକ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ ଗାଳି କରୁଥିବା ୨ ଯୁବକଙ୍କ ମଧ୍ୟରୁ ଜଣେ ହଠାତ ଏକ ଛୁରିରେ ୩ ଜଣଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସହଯୋଗୀମାନେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ୫୦ ହଜାର ଲୁଟ୍

ଅନୁଗୋଳ ଅଫିସ,୫।୧୧- ଅନୁଗୋଳ ସଦର ଥାନା ମଝିକା ଠାରେ ଜଣେ ଯୁବକଙ୍କୁ ମାଡ଼ ମାରି ୫୦ ହଜାର ଟଙ୍କା ଛଡ଼ାଇ ନିଆଯାଇଛି। ଏ ନେଇ ସମ୍ପୃକ୍ତ ଯୁବକ ଥାନାରେ ଅଭିଯୋଗ କରିଛନ୍ତି। ନିଶା ଥାନା ପରତରା ଅଞ୍ଚଳର ଧରଣୀଧର ବେହେରା କୋଲିୟରୀ ଥାନା ଜାମ୍ବୁବାହାଲିସ୍ଥିତ ସମ୍ପର୍କୀୟଙ୍କ ଘରୁ ୫୦ ହଜାର ଟଙ୍କା ଧରି ଘରକୁ ଫେରୁଥିଲେ। ତେବେ ମଝିକା ଛକରେ ଅଟକି ଥିବା ସମୟରେ ଜଣେ ଯୁବକ ଆସି ତାଙ୍କୁ ଟଙ୍କା ମାଗିଥିଲେ। ପରେ ମାଡ ମାରି ଟଙ୍କା ଛଡ଼ାଇ ନେଇଥିବା ଧରଣୀଧର ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

ଅନୁଗୋଳ ଅଫିସ,୫।୧୧- ଅନୁଗୋଳ ରେଳ ଷ୍ଟେଶନ ପାଖ ଗୋଳାବନ୍ଧ ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଜିଆରପି ଜବତ କରିଛି। ମୃତକଙ୍କ ଘର ବରଗଡ ଜିଲାର ବରପାଲି ଅଞ୍ଚଳରେ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିବା ଜିଆରପି ଏଏସ୍ଆଇ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଯୁବକ ପୁରୀ-ଦୁର୍ଗ ଏକ୍ସପ୍ରେସରେ ବରଗଡ ଯାଉଥିବା ସମୟରେ କୌଣସି କାରଣରୁ ଗୋଳାବନ୍ଧ ନିକଟରେ ଗଳି ପଡିଥିଲେ। ଖବର ପାଇବା ପରେ ରେଲୱେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ଠିକଣା କହିବା ସମୟରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜିଆରପି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସଂଘ କାର୍ଯ୍ୟାଳୟ ସିଲ୍ ନିଷ୍ପତ୍ତି

ବଅଁରପାଳ,୫।୧୧(ଡି.ଏନ.ଏ.)- ନାଲ୍‌କୋ ଆଲୁମିନିୟମ୍ ମଜଦୁର ସଂଘ କର୍ମକର୍ତ୍ତା ପଦବୀକୁ ନେଇ ଦୀର୍ଘଦିନ ହେଲା ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏହାକୁ ନେଇ କୋର୍ଟରେ ମାମଲା ଚାଲୁ ରହିଛି। ତେବେ ଶୁକ୍ରବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସଂଘ କାର୍ଯ୍ୟାଳୟ ସିଲ୍ ପାଇଁ ନିଷ୍ପତ୍ତି ନିଆଯାଇଛି। ନାଲ୍‌କୋ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟାଳୟକୁ ସିଲ୍ କରିବା ପାଇଁ ଯାଇଥିଲେ ହେଁ କର୍ମକର୍ତ୍ତାମାନେ ଏହାର ତୀବ୍ର ବିରୋଧ କରିଥିଲେ। ଫଳରେ କାର୍ଯ୍ୟାଳୟ ସିଲ୍ ହୋଇପାରି ନ ଥିଲା। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାଲ୍‌କୋର ଜୈନିକ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ସଫେଇ ନୁହେଁ ସନ୍ତୋଷଜନକ

- ପ୍ରଦୂଷଣ ପରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ବିପୁଳ ରାଜସ୍ୱ ଦେଉଥିଲେ ମଧ୍ୟ ତାଳଚେରକୁ ଅଣଦେଖା
- ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା

ତାଳଚେର,୫।୧୧(ନି.ପ୍ର.)

ବାର୍ଷିକ ସହସ୍ରାଧିକ କୋଟି ଟଙ୍କାର ରାଜସ୍ୱ ଦେଉଥିବା କଳାହୀରାର ସହର ତାଳଚେର ପ୍ରତି ଜାରି ରହିଛି ସରକାରୀ ଅବହେଳା। ପ୍ରଦୂଷଣ ସମସ୍ୟାର ସ୍ଥାୟୀ ପ୍ରତିକାର ହେଉ ନ ଥିବାବେଳେ ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଦ୍ୱାରା ସଫେଇ ସନ୍ତୋଷଜନକ ହେଉ ନ ଥିବାରୁ ଏ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତୁରନ୍ତ ସହର ସଫେଇ ଠିକ୍ ଭାବେ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

୨୧ଟି ୱାର୍ଡକୁ ନେଇ ଗଠିତ ତାଳଚେର ପୌରାଞ୍ଚଳରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ସହର ସଫେଇ ପାଇଁ ମୋଟ ୧୪୭ ଜଣ କର୍ମଚାରୀ ରହିଛନ୍ତି। ସେଥିରୁ ଠିକା ସଂସ୍ଥାର ୧୧୫ ଜଣ ଥିବାବେଳେ ୧୯ ଜଣ ସ୍ଥାୟୀ କର୍ମଚାରୀ ଓ ୧୩ ଜଣ ଏନ୍ଏମ୍ଆର୍ ରହିଛନ୍ତି। ସଫେଇ କାର୍ଯ୍ୟ ତଦାରଖ ନିମନ୍ତେ ୧୫ ଜଣ ସୁପରଭାଇଜର ନିୟୋଜିତ ଅଛନ୍ତି। ପ୍ରତି ମାସରେ ସଫେଇ ବାବଦରେ ଠିକା ସଂସ୍ଥା ପୌର କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ରାୟ ୧୨ ଲକ୍ଷ ଟଙ୍କା ନେଉଛି। କିନ୍ତୁ ସହର ସାରା କୁଢ କୁଢ ଅଳିଆ ଥିବାବେଳେ ନାଳ ନର୍ଦ୍ଦମା ଠିକ୍ ଭାବେ ସଫା ହେଉନାହିଁ। କମ୍ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରି ଠିକା ସଂସ୍ଥା ୧୧୫ କର୍ମଚାରୀଙ୍କ ବିଲ୍ କରୁଥିବା ସହରବାସୀ ଅଭିଯୋଗ କରୁଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଶୁକ୍ରବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ କେତେକ ୱାର୍ଡ ବୁଲି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନେଇ ପୌର କର୍ତ୍ତୃପକ୍ଷଙ୍କ ଉପରେ ଦୋଷ ଲଦିଛନ୍ତି। ୩ ଦିନରେ ଏଥିରେ ସୁଧାର ନ ଆସିଲେ ପୌର କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଏମ୍‌ପି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଫେଇ ଇନ୍ସପେକ୍ଟର ନବକଶୋର ମାଟି କହିଛନ୍ତି, ନୂଆକରି ଦାୟିତ୍ୱ ନେଇଥିବାରୁ ସମସ୍ତ କର୍ମଚାରୀଙ୍କୁ ଜାଣିନାହିଁ। ତଥାପି ସହରକୁ ପରିଷ୍କାର ରଖିବାକୁ ଉଦ୍ୟମ କରାଯାଉଛି।



ତାଳଚେର ସହରରେ ଥିବା ଏକ ଡ୍ରେନ୍ ସଫା ହୋଇନାହିଁ।

### ତ୍ରୁଟି ଥିଲେ ଧ୍ୟାନ ଦେବୁ



"ତାଳଚେର ସହର ସଫେଇ ପାଇଁ ଠିକା ସଂସ୍ଥା ଦାୟିତ୍ୱ ନେଇଛି। ଯଦି ପରିମଳ ବ୍ୟବସ୍ଥାରେ କେଉଁଠି କିଛି ତ୍ରୁଟି ହେଉଥାଏ ସେ ଦିଗ ଉପରେ ଧ୍ୟାନ ଦିଆଯିବ। ୱାର୍ଡବାସୀଙ୍କ ସମସ୍ୟାର ସମାଧାନ ନିଶ୍ଚିତ କରାଯିବ।

–ରଶ୍ମିରେଖା ଅମାନ୍ତ, ନିର୍ବାହୀ ଅଧିକାରୀ, ପୌର ପରିଷଦ

### ନିୟମିତ ସଫା ହେଉନି



"ନିୟମିତ ଭାବେ ନର୍ଦ୍ଦମାଗୁଡ଼ିକ ସଫା ହେଉନାହିଁ। ଅଳିଆ ସଂଗ୍ରହ କରାଯାଉ ନାହିଁ। କର୍ମଚାରୀମାନେ ଦିନେ ଆସିଲେ ଦିନେ କାମକୁ ଆସୁନାହାନ୍ତି। ଡ୍ରେନ୍‌ଗୁଡ଼ିକରେ ମଶାତେଲ ପଡୁ ନାହିଁ। ଦୁର୍ଗନ୍ଧ ହେଉଥିବାରୁ ଘରେ ରହିହେଉ ନାହିଁ।

–ଲିପିକା ସ୍ୱାଇଁ, ଗୃହିଣୀ, ତାଳଚେର

### ଦେଖିବାକୁ କେହି ନାହିଁ



"ଦିନ ଦିନ ଧରି କୁଢ଼ କୁଢ଼ ଅଳିଆ ପଡି ରହୁଛି। ସହରର ପରିବେଶ ନଷ୍ଟ ହେବା ସହ ପ୍ରଦୂଷଣ ବଢୁଛି। ଆମିଷ ମାର୍କେଟ ଅଞ୍ଚଳ ପରିଷ୍କାର କରାଯାଉ ନ ଥିବାରୁ ଦୁର୍ଗନ୍ଧ ହେଉଛି। ହେଲେ ଦେଖିବାକୁ କେହି ନାହିଁ।

–ପଞ୍ଚାନନ ସାହୁ, ବରିଷ୍ଠ ନାଗରିକ, ତାଳଚେର

# ମହିଳାଙ୍କୁ ହତ୍ୟା ଅଭିଯୋଗ

ଅନୁଗୋଳ ଅଫିସ,୫।୧୧

ବଅଁରପାଳ ଥାନା ଫୁଲପଡା ଗ୍ରାମର ବସନ୍ତ ଗୋଛାୟତଙ୍କ ସ୍ତ୍ରୀ କାଜଲ ଗୋଛାୟତଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତେବେ କାଜଲଙ୍କ ପରିବାର ଲୋକେ ଏହା ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି। ଏ ନେଇ ବଅଁରପାଳ ଥାନା ଅଧୀନରେ ଥିବା ମହୀଧରପୁର ଫାଣ୍ଡିରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କାଜଲଙ୍କ ବାପା ଅଭିଯୋଗ କରିଛନ୍ତି, ବସନ୍ତ ଗୋଛାୟତ କିଛି ଦିନ ହେବ ଦ୍ୱିତୀୟ ବିବାହ କରିଛନ୍ତି। ତେଣୁ ଦ୍ୱିତୀୟ ସ୍ତ୍ରୀଙ୍କ ସହ ମିଶି ବସନ୍ତ ଷଡଯନ୍ତ୍ର କରି ତାଙ୍କ ଝିଅ କାଜଲଙ୍କୁ ମାରି ଦେଇଛନ୍ତି। ସେମାନେ କାଜଲଙ୍କୁ ଅସୁସ୍ଥ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏପରି କି ମୃତଦେହ ବ୍ୟବଚ୍ଛେଦ ନ କରିବା ପାଇଁ ଶାଶୁଘର ଲୋକ ଜିଦ୍ ଧରିଥିଲେ। ତେବେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ତପସ୍ୱିନୀ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ

ଅନୁଗୋଳ ଅଫିସ,୫।୧୧

ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ଅନୁଗୋଳ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ତପସ୍ୱିନୀ ବିଶ୍ୱାଳଙ୍କୁ ନିଯୁକ୍ତ କରିଛନ୍ତି। ସେହିପରି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ଭାବେ ସବିତା ଧୀର ଓ ଅନୁଗୋଳ ଜିଲା ମହିଳା କଂଗ୍ରେସ ନଗର ସଭାନେତ୍ରୀ ଭାବେ କସିଦା ବିବି (ଖାନ୍)ଙ୍କୁ ନିଯୁକ୍ତି ମିଳିଛି। ଜିଲା ମହିଳା କଂଗ୍ରେସ ଆଗାମୀ ଦିନରେ ସଙ୍ଗଠିତ ହୋଇ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଠିକ୍ ଭାବେ ଉପସ୍ଥାପିତ କରିପାରିବ ବୋଲି ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଆଶାବ୍ୟକ୍ତ କରିଛନ୍ତି। ଏଥିସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବୋଲି ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

# ନିଯୁକ୍ତି ନବୀକରଣ ଦାବି

ଅନୁଗୋଳ ଅଫିସ,୫।୧୧

ନିଯୁକ୍ତି ନବୀକରଣ ପରିବର୍ତ୍ତେ ପୁନଃନିଯୁକ୍ତି ବ୍ୟବସ୍ଥାକୁ ବିରୋଧ କରିଛନ୍ତି ୨୦୧୮ ମସିହାରେ ଜିଲା ଖଣିଜ ପାଣ୍ଠିରୁ ନିଯୁକ୍ତି ପାଇଥିବା ୧୩୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ଶୁକ୍ରବାର ସକାଳୁ ସେମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି, କରୋନା ପାଇଁ ସ୍କୁଲଗୁଡିକ ବନ୍ଦ ପରଠାରୁ ସେମାନେ ଘୋର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଏବେ ଧୀରେ ଧୀରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲୁଥିବା ବେଳେ ସେମାନେ ନିଯୁକ୍ତି ନବୀକରଣ ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ନବୀକରଣ ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ନିକଟରେ ଜିଲା ପ୍ରଶାସନ ନିଯୁକ୍ତି ନବୀକରଣ ନ କରି ପୁନଃନିଯୁକ୍ତି ବ୍ୟବସ୍ଥା କରିଛନ୍ତି। ଅପରାହ୍ନ ସାଢ଼େ ୪ଟାରେ ଆଲୋଚନା କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ମାତ୍ର ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଆଲୋଚନା ପାଇଁ ଡକାଯାଇ ନ ଥିବାରୁ ଧାରଣା ଜାରି ରହିଥିବା ଜଣାପଡ଼ିଛି।



ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

# ବଇଣ୍ଡାରେ କାଳୀପୂଜା



ବଇଣ୍ଡା,୫।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଓ ଅଙ୍ଗପଡା, ହିମିତିରାରେ ଗୁରୁବାରଠାରୁ କାଳୀପୂଜା ପାଳିତ ହେଉଛି। କଳସରେ ପାଣି ଆଣିବା ପରେ ଯଥାରୀତିରେ ପୂଜା ହୋଇଥିଲା। କରୋନା କଟକଣା ମାନିବା ସହ ମା'ଙ୍କ ସମସ୍ତ ବିଧି ଅନୁସାରେ ପୂଜା କରାଯାଇଥିଲା। ରଙ୍ଗବେରଙ୍ଗ ଆଲୋକରେ ମଣ୍ଡପ ଝଲସୁଥିବାବେଳେ କମିଟି ସଭାପତି ଦୀପକ ରଞ୍ଜନ ସାହୁ, ନରେଶ ବେହେରା, ଚନ୍ଦନ ଦାସ, ମହେଶ ଅଗ୍ରୱାଲା, ସୁନିଲ ପ୍ରଧାନ, କମଳ ଲୋଚନ ସାହୁ, ସଂଗ୍ରାମ କେଶରୀ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

# ବିଦ୍ୟାଳୟ ନୂତନ ଗୃହ କାର୍ଯ୍ୟ ସମୀକ୍ଷା



ବିଧାୟକ ନୂତନ ଶ୍ରେଣୀଗୃହ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

ବଇଣ୍ଡା,୫।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବିଲେଇନାଳି ହାଇସ୍କୁଲରେ ୫-ଟି ପକ୍ଷରୁ ଚାଲିଥିବା ନୂତନ ଶ୍ରେଣୀଗୃହ କାର୍ଯ୍ୟର ଗୁରୁବାର ସମୀକ୍ଷା କରିଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ବିଧାୟକ ସମସ୍ତ ଗୃହ ବୁଲିବା ସହ କାର୍ଯ୍ୟର ମାନ ଗୁଡିକ ଯାଞ୍ଚ କରିଥିଲେ। ଏପରିକି କିଭଳି ଠିକ ଭାବେ କାମ ହେବ ସେ ଉପରେ ଠିକାଦାର ଅଧିକ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଧଉରାଗୋଠ, ରଙ୍ଗମାଟିଆ, କରଡାବାହାଲି ଗ୍ରାମରେ ଗ୍ରାମବାସୀଙ୍କ ସହ ବୈଠକ କରିଥିଲେ। କିଭଳି ଗ୍ରାମର ସମସ୍ତ ବିକାଶ ହୋଇପାରିବ ସେ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ୩ ଗ୍ରାମରେ ଲାଗି ରହିଥିବା ସମସ୍ତ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରିଥିଲେ। ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଜେଡି ନେତା କାଳନ୍ଦୀ ଚରଣ ପ୍ରଧାନ, ଆନୁକୂଲ୍ୟ ବେହେରା, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଜିଲା ଓକିଲ ସଂଘ ପକ୍ଷରୁ କର୍ମଶାଳା

ଢେଙ୍କାନାଳ ଅଫିସ, ୫।୧୧

ଢେଙ୍କାନାଳ ଜିଲା ଓକିଲ ସଂଘ ପାଠାଗାରରେ ଶୁକ୍ରବାର ଅପରାହ୍ନରେ 'ଲୟର୍ସ ଇଣ୍ଟେରାକ୍ଟିଭ ସେସନ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସେକ୍ସନ ୨୯୯, ସିଆର୍‌ପିସିର ୩୧୯ (ଗ) ଏବଂ ଧାରା ୩୭ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସତ୍ୟପ୍ରିୟ ଶରଣ, ଓମ୍ ପ୍ରକାଶ ଶରଣ, ଦେବାଶିଷ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ଶିବସାଇ ମହାପାତ୍ର, ନିରୁପମା ମାଝି, ରାଜେନ୍ଦ୍ର ରାଉତ, ପ୍ରଦୀପ ସାହୁ, ସଂଘ ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭ୍ୟ ପୁଷ୍ପକ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ଟଙ୍କଧର ବେହେରା ଧନ୍ୟବାଦ ଦେଇଥିଲେ।





ଜିଲା ଓକିଲ ସଂଘ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ଆକାଉଣ୍ଟରୁ ନେଇଗଲେ ଲକ୍ଷେ

ଅନୁଗୋଳ ଅଫିସ,୫।୧୧

କ୍ରେଡିଟ୍ କାର୍ଡ ଯାଞ୍ଚ ଆଳରେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୧ ଲକ୍ଷ ୭୦୦ ଟଙ୍କା ଉଠାଇ ନିଆଯାଇଛି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ହାତୀବନ୍ଧପଡ଼ାର ଜଣେ ଯୁବକଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଠକ ଜଣଙ୍କ ନିଜକୁ ଏକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଗ୍ରାହକ ସେବା କେନ୍ଦ୍ରର କର୍ମଚାରୀ ପରିଚୟ ଦେଇ ବ୍ୟାଙ୍କ ତଥ୍ୟ ମାଗିଥିଲେ। ବିଶ୍ୱାସରେ ଯୁବକ ଜଣଙ୍କ ସମସ୍ତ ତଥ୍ୟ ଦେଇଥିଲେ। ଏମିତିକି ମୋବାଇଲକୁ ଆସିଥିବା ଓଟିପି ମଧ୍ୟ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠିବା ଆରମ୍ଭ ହୋଇଥିଲା। କିଛି ସମୟ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ଏକ ଲକ୍ଷ ୭୦୦ ଟଙ୍କା କାଢ଼ି ନିଆଯାଇଥିଲା। ଏ ନେଇ ଯୁବକ ଜଣକ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ପ୍ରତିଜ୍ଞା ଦିବସ ପାଳିତ

ଢେଙ୍କାନାଳ ଅଫିସ, ୫।୧୧

ଢେଙ୍କାନାଳ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଛୋଟ ଦୀପାବଳି ଉତ୍ସବ ଏବଂ ପ୍ରତିଜ୍ଞା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି କଲ୍ୟାଣ କୁମାର କାନୁନ୍‌ଗୋ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ବାବୁଚାନ୍ଦ ମହାଲିକ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ମନମୋହନ ତ୍ରିପାଠୀ ଏହାର ନେତୃତ୍ୱ ନେଇଥିଲେ। ପରଜଙ୍ଗ ବ୍ଲକ କନ୍ତିଓପୁଟସାହି, ସଦର ବ୍ଲକ୍‌ର ସପ୍ତଶଯ୍ୟା, କାମାକ୍ଷାନଗରର କାନପୁରା, ଭୁବନ ବ୍ଲକ୍‌ର ଭୁବନ, ଢେଙ୍କାନାଳ ସହର ଯାଉଁଳିପୋଖରୀ ମଠ ଏବଂ ହାଟ ରୋଡ୍ ଶିବମନ୍ଦିରରେ କୋଭିଡ୍ କଟକଣା ପାଳନ କରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିବ ପ୍ରସାଦ ସାହୁ, ଦିଲୀପ ଜେନା, ରଞ୍ଜିତ ବିଶାଲ, ମଳୟ ତ୍ରିପାଠୀ, ଭାରତୀ ସ୍ୱାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।





ପ୍ରତିଜ୍ଞା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ବାଂଲାଦେଶ ଗଲା ୯୦୦୦ ଟନ୍ ଏଲ୍‌ଡି ସ୍ଲାଗ୍

- ଟାଟାଷ୍ଟିଲ୍ ବିଏସ୍ଏଲ୍‌ର ନୂତନ ମାଇଲଖୁଣ୍ଟ
- ସିମେଣ୍ଟ ତିଆରିରେ ବ୍ୟବହାର କରାଯିବ

ଢେଙ୍କାନାଳ ଅଫିସ, ୫।୧୧

ସିମେଣ୍ଟ ଶିଳ୍ପରେ ବ୍ୟବହାର କରାଯାଉଥିବା ଏଲ୍‌ଡି ସ୍ଲାଗ୍ ରପ୍ତାନି କରି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ଢେଙ୍କାନାଳ ଜିଲା ଟାଟାଷ୍ଟିଲ ବିଏସ୍ଏଲ୍। ଧାମରା ବନ୍ଦର ଦେଇ ଭାରତରୁ ପ୍ରଥମ କରି ୯,୦୦୦ ଟନ୍ ଏଲ୍‌ଡି ସ୍ଲାଗ୍ ବାଂଲାଦେଶକୁ ରପ୍ତାନି କରାଯାଇଛି। ହଂକଂସ୍ଥିତ ଟ୍ରେଡ୍ ହାଉସ ତଥା ଟାଟାଷ୍ଟିଲ ବିଏସ୍ଏଲର ବର୍ତ୍ତମାନର ଗ୍ରାହକ ସେମକୋଆ ଲିମିଟେଡ୍ ବାଂଲାଦେଶରେ ଏଲ୍‌ଡି ସ୍ଲାଗ୍ ବଜାର ପାଇଁ ଆଗ୍ରହ ଦେଖାଇଛି। ବାଂଲାଦେଶର ପ୍ଲାଣ୍ଟରେ ଏହାର ପରୀକ୍ଷଣ ହୋଇଛି। ଟାଟାଷ୍ଟିଲ୍ ବିଏସ୍ଏଲ୍ ବାର୍ଷିକ ପ୍ରାୟ ୧ ମିଲିୟନ ଟନ୍ ଏଲ୍‌ଡି ସ୍ଲାଗ୍ ଉତ୍ପାଦନ କରୁଥିବାବେଳେ ସେଥିରୁ ୧ ଲକ୍ଷ ଟନ୍ ରପ୍ତାନି କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି।

କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ପାଣ୍ଡେ କହିଛନ୍ତି, କମ୍ପାନୀରୁ ନିର୍ଗତ ଉପ-ଉତ୍ପାଦକୁ ନୂଆ ପ୍ରଡକ୍ଟ ଭାବେ ବ୍ୟବହାର କରିବା, ଏଥିଲାଗି ନୂଆ ବଜାର ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ନୂଆବଜାର ଅନ୍ୱେଷଣ ପାଇଁ ନିଆଯାଉଥିବା ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ସ୍ଲାଗ ସିମେଣ୍ଟ, ଗ୍ରାଉଣ୍ଡ ଗ୍ରାନୁଲେଟେଡ୍ ବ୍ଲାଷ୍ଟଫର୍ନେସ୍ ସ୍ଲାଗ (ଜିଜିବିଏସ୍) ଏବଂ କ୍ଲିଙ୍କର ପ୍ରସ୍ତୁତିରେ ପ୍ରୟୋଗ ଲାଗି କମ୍ପାନୀ ପକ୍ଷରୁ ୦-୬ ମିଲିମିଟର ଆକାରର ସ୍ଲାଗ୍ ସେଗ୍‌ନେ ବିକଶିତ କରାଯାଇଛି। ଇଟା ପ୍ରସ୍ତୁତ, ଜାତୀୟ ରାଜପଥ ନିର୍ମାଣ, କଠିନ ଚଟାଣ, ଖାଲ ଜମିକୁ ଭରିବା ପାଇଁ ଉପକୂଳ ଓଡ଼ିଶା ସମେତ ପଶ୍ଚିମବଙ୍ଗକୁ ଏହି ପରିବେଶ ଅନୁକୂଳ ପଦାର୍ଥ ଯୋଗାଇ ଦିଆଯାଉଛି। ଏହି ବ୍ୟବସାୟକୁ ଆଗକୁ ବଢ଼ାଇବା ଲାଗି କମ୍ପାନୀ ପକ୍ଷରୁ ଅଟୋ ଏବଂ ହେଭି ଆର୍ଥ ମୁଭିଂ ମେଶିନାରି (ଏଚ୍ଇଏମ୍ଏମ୍) ବିଭାଗ ବିକଶିତ କରାଯାଉଛି। ପ୍ଲାଣ୍ଟରୁ ନିର୍ଗତ ଫ୍ଲାଏଆଶ୍, ଏଲ୍‌ଡି ସ୍ଲାଗ ଓ ବ୍ଲାଷ୍ଟ ଫର୍ନେସ ସ୍ଲାଗ୍‌ର ୧୦୦% ପୁନଃବ୍ୟବହାର କରିବାରେ କମ୍ପାନୀ କୃତିତ୍ୱ ହାସଲ କରିଥିବା ସେ ସୂଚନା ଦେଇଛନ୍ତି।





ଧାମରା ବନ୍ଦର ଦେଇ ବାଂଲାଦେଶ ଯାଉଥିବା ଏଲ୍‌ଡି ସ୍ଲାଗ୍।

# ମାରପିଟ୍, ୨ ଗିରଫ

କଣିହାଁ,୫।୧୧(ଡି.ଏନ.ଏ.)

କଣିହାଁ ଥାନା ପୋଲିସ ଶୁକ୍ରବାର ପାରିବାରିକ ଝଗଡ଼ାରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବଡ଼ଗୁଣ୍ଡୁରୀ ଗ୍ରାମର ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, ବଡ଼ଗୁଣ୍ଡୁରୀ ଗ୍ରାମରେ ୨ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ନୂଆଦେଇ ମୁଖିଙ୍କ ଅଭିଯୋଗରୁ ଜଣାଯାଏ, କଳାକର ମୁଖି ଓ ପୁଅ ଜଗା ମୁଖି ଉତ୍ତ୍ୟକ୍ତ ହୋଇ ଏକ ବାଡ଼ିରେ ଦାଦା ଭଗବାନ ମୁଖି ଓ ତାଙ୍କ ପୁଅ ବିଶ୍ୱଭୂଷଣ ମୁଖିଙ୍କୁ ମାରପିଟ୍ କରିଥିଲେ। ଏଥିରେ ବିଶ୍ୱଭୂଷଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାପା ଭଗବାନଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ନେଇ ନଂ. ୨୮୯/୨୧ରେ ମାମଲା ରୁଜୁ କରି ପୋଲିସ ବାପ ପୁଅଙ୍କୁ ଗିରଫ କରିଛି।

